ଟିପ୍ପଣୀ

# ୩୦

# ସାଂସ୍କୃତିକ ଉତ୍ପାଦନ

ପାତ୍ର ଓ ତାଉଆ ଚିତ୍ର, ତନ୍ତ ବୁଣା ଲୁଗା, ସାହିତ୍ୟ ଓ ଖାଦ୍ୟ ସହିତ ଅନ୍ୟାନ୍ୟ ଜିନିଷଗୁଡ଼ିକ ମିଳିତ ହୋଇ ଆମ ସଂସ୍କୃତିର ଅଙ୍ଗ ହୋଇଛି । ଉକ୍ତ ପାଠ୍ୟ କ୍ରମରେ ଆମେ ଦେଖିବା କିପରି ଏଗୁଡ଼ିକ ଉତ୍ପାଦନ କରାଯାଏ, କିଏ ଉତ୍ପାଦନ କରେ ଏବଂ କିଏ ଏହାର ଉପଯୋଗ କରେ ।

**ଉଦ୍ଦେଶ୍ୟ ଏହା ପଢ଼ିବା ପରେ ତୁମ୍ଭେ ଜାଣିପାରିବ:-**

- ଚିତ୍ର ବନାଇବା ପାଇଁ କେଉଁ କୌଶଳ ବ୍ୟବହାର କରାଯାଇଥାଏ ଏବଂ ଏହା କାହାପାଇଁ ତିଆରି କରାଯାଇଥିଲା ।
- ଭାରତରେ ନିର୍ମିତ ବିଭିନ୍ନ ପ୍ରକାର ବସ୍ତ୍ର ଏବଂ ପୋଷାକ କିପରି ଥିଲା ।
- ମହାକାବ୍ୟ ଠାରୁ ଆରମ୍ଭ କରି ଲୋକ ସଙ୍ଗୀତ ପର୍ଯ୍ୟନ୍ତ ସମୃଦ୍ଧ ଏବଂ ବିଭିନ୍ନତା ପୂର୍ଣ୍ଣ ସାହିତ୍ୟ ।
- ଖାଦ୍ୟ ଉତ୍ପାଦନର ସ୍ୱରୂପ ଏବଂ ଭାରତର ବିଭିନ୍ନ ଭାଗରେ ଖାଦ୍ୟ ପଦାର୍ଥର ବ୍ୟାପକ ବିଭିନ୍ନତା ।

## ୩୦.୧ ଚିତ୍ରକଳା, କଳାକାର ଏବଂ ପୃଷ୍ଠପୋଷକ Paintings, Painters & Patrons

ଉକ୍ତ ବିଭାଗରେ ଆମେ ଆମର କଳାକାର ଏବଂ ଏମାନଙ୍କର କଳା ବିଷୟରେ ବୁଝିବା ସହିତ ଜାଣିବା ଯେ ସେମାନେ କ'ଣ ଚିତ୍ର କରନ୍ତି, କେଉଁଥିରେ କରନ୍ତି ଏବଂ କାହା ପାଇଁ କରନ୍ତି ?

ଅତୀତରେ କଳା ଏବଂ ହସ୍ତକର୍ମ ଦୈନନ୍ଦିନ ଜୀବନର ଏକ ଅଙ୍ଗ ଥିଲା ଏବଂ ଦରକାରୀ ଥିଲା ତାହା ସୁନ୍ଦର ଥିଲା । ଆମ ପୂର୍ବଜମାନେ ବ୍ୟବହାର କରୁଥିବା ପାତ୍ର ଏବଂ ତାଉଆ, ପିନ୍ଧୁଥିବା ଲୁଗାପଟା ଏବଂ ବସବାସ କରୁଥିବା ଗୃହ ଗୁଡ଼ିକରେ ବିଭିନ୍ନ ପ୍ରକାରର ନକ୍ସା ତିଆରି ହୋଇଥିଲା ।



(ଚିତ୍ର ୩୧-୧)

ସବୁଠାରୁ ଉତ୍କୃଷ୍ଟ ନକ୍ସାଗୁଡ଼ିକ ସ୍ତ୍ରୀଲୋକ ମାନଙ୍କ ଦ୍ୱାରା ନିଜ ଘରର ପ୍ରବେଶପଥରେ ଚାଉଳ ଗୁଣ୍ଡ, ହଳଦୀ ଏବଂ କୁଙ୍କୁମ ଚୂର୍ଣ୍ଣରେ ତିଆରି କରୁଥିଲେ। ମଧୁବନୀ ଚିତ୍ରକଳା ଏହିପରି ବିହାରର ଏକ ଗ୍ରାମୀଣ ପରମ୍ପରାରୁ ବିକଶିତ ହୋଇଥିଲା। ଯେଉଁଥିରେ ଜନ୍ମାଷ୍ଟମୀ ପର୍ବରେ (କୃଷ୍ଣଙ୍କ ଜନ୍ମଦିନ) ଏବଂ ଅନ୍ୟାନ୍ୟ ପର୍ବପର୍ବାଣୀରେ କାନ୍ଥ, କାଗଜ ଏବଂ ଅନ୍ୟ ଜିନିଷ ଉପରେ କୃଷ୍ଣଙ୍କ ଜୀବନର ଦୃଶ୍ୟମାନ ଅଙ୍କନ କରାଯାଉଥିଲା। କଳାର ଏହି ଦୃଷ୍ଟାନ୍ତରେ ଧାର୍ମିକ ଉଦ୍ଦେଶ୍ୟ ରହିଥିବା ସହିତ ଏହାକୁ ପବିତ୍ର ବୋଲି ବିଚାର କରାଯାଉଥିଲା।

ଆମେ ପାଇଥିବା ପ୍ରାଚୀନତମ କଳା ହେଲା ଗୁମ୍ଫା-କଳା ଯାହାକି ଶୀକାର କରୁଥିବା ଏବଂ ଖାଦ୍ୟ-ସଂଗ୍ରାହକ ଜନଜାତିମାନଙ୍କ ଦ୍ୱାରା ଅଙ୍କା ଯାଇଥିଲା। ଏ ଗୁଡ଼ିକରୁ ସବୁଠାରୁ ପ୍ରସିଦ୍ଧ କଳା ଉତ୍ତର ପ୍ରଦେଶର ମିର୍ଜାପୁର ଏବଂ ବନ୍ଦ୍ରା ମଧ୍ୟପ୍ରଦେଶର ଭୋପାଳ ନିକଟ ଭୀମ ବେଟକା ଏବଂ ରାୟଗଡ଼ ନିକଟ ସିଙ୍ଗନପୁର, କର୍ଣ୍ଣାଟକର ବିନ୍ଧ୍ୟ ପର୍ବତମାଳାର ମହାଦେବ ପାହାଡ଼ ଏବଂ ବରେଲିର ଗୁମ୍ଫାମାନଙ୍କରେ ଏବଂ ପାହାଡ଼ିଆ ଆଶ୍ରୟସ୍ଥଳରେ ଦେଖିବାକୁ ମିଳେ। ଉକ୍ତ ଚିତ୍ରଗୁଡ଼ିକ ସାଧାରଣତଃ ଶୀକାରର ଦୃଶ୍ୟ ହୋଇଥାଏ ଯାହାଦ୍ୱାରା ଆମେ ସେହି ଅଞ୍ଚଳର ବୃକ୍ଷଲତା ତଥା ପଶୁ ଜୀବନ ତଥା ପ୍ରାରମ୍ଭିକ ପୁରୁଷ ସ୍ତ୍ରୀମାନଙ୍କର ଦ୍ୱାରା ବ୍ୟବହାର କରାଯାଉଥିବା ଉପକରଣ ବିଷୟରେ ମଧ୍ୟ ଜାଣିପାରୁ। ଏଗୁଡ଼ିକ ଧନୁ ଓ ତୀର ଏବଂ କୁରାଢ଼ୀ ଭଳି ସରଳ ଉପକରଣ ଥିଲା। ଉକ୍ତ ଚିତ୍ରକଳାଗୁଡ଼ିକୁ କାହିଁକି କରାଯାଉଥିଲା ତା'ବିଷୟରେ ଆମେ ସଠିକ୍ ଭାବେ ଜାଣି ପାରୁନାହୁଁ। ସମ୍ଭବତଃ ଏଗୁଡ଼ିକର କୌଣସି ଯାଦୁବିଦ୍ୟାର ମହତ୍ତ୍ୱ ଥିଲା ଅଥବା ଏଗୁଡ଼ିକ ଶୀକାରରେ ସଫଳତା ପାଇଁ ପ୍ରଯୁଜ୍ୟ ଥିଲା।

ପୁରାତନ ଯୁଗର ସ୍ତ୍ରୀ ଓ ପୁରୁଷମାନେ ନିଜର ଆବଶ୍ୟକତା ପାଇଁ ଚିତ୍ର ଅଙ୍କନ କରୁଥିବା ବେଳେ ପରବର୍ତ୍ତୀ ସମୟରେ ସାଧାରଣତଃ ରାଜକୀୟ ପୃଷ୍ଠପୋଷକତାରେ ଚିତ୍ରକଳାର ସୃଷ୍ଟି ହୋଇଥିଲା। ଏହାର ଅର୍ଥ ହେଲା ରାଜାମାନେ ଚିତ୍ର ପାଇଁ ଖର୍ଚ୍ଚ କରୁଥିଲେ ଅଥବା ବେଳେ ବେଳେ କଳାକୃତି ପାଇଁ କଳାକାରର ଭରଣପୋଷଣ କରୁଥିଲେ।

ଏଗୁଡ଼ିକ ମଧ୍ୟରୁ ପ୍ରାଚୀନତମ କଳା ମଧ୍ୟପ୍ରଦେଶର ବାଘ ଗୁମ୍ଫା ତଥା ମହାରାଷ୍ଟ୍ରର ଅଜନ୍ତା ଏବଂ ଏଲୋରା ଗୁମ୍ଫାରେ ଦେଖାଯାଏ। ଅଜନ୍ତା ଗୁମ୍ଫାର ବିଷୟ ବସ୍ତୁ ବୁଦ୍ଧଙ୍କ ଜୀବନ ଉପରେ ଆଧାରିତ ଥିଲା। ବିଶେଷ କରି ଜାତକ ଗଳ୍ପରେ ବର୍ଣ୍ଣନା କରାଯାଇଥିବା ଗୌତମ ବୁଦ୍ଧଙ୍କର ଅନେକ ଜୀବନର ଆଧାରିତ ଥିଲା। ବୌଦ୍ଧ ଧର୍ମ ବିଷୟରେ ତୁମେ ପାଠ୍ୟକ୍ରମ ୩୧ରେ ଅଧିକ କଥା ପଢ଼ିବ। ଏଗୁଡ଼ିକ ମଧ୍ୟରୁ କେତେକ ଦୃଶ୍ୟ ନିତିଦିନିଆ ଜୀବନର ଅଟେ ଯେପରିକି ଅଜନ୍ତା ଗୁମ୍ଫାରେ ନିଜର ଶୃଙ୍ଗାରରେ ଲିପ୍ତ ରାଜକୁମାରୀର ପ୍ରସିଦ୍ଧ ଚିତ୍ର। ଅଜନ୍ତା ଏବଂ ଏଲୋରାର କଳାଗୁଡ଼ିକୁ ଗୁପ୍ତ ଏବଂ ଭାକାଟକ ଶାସକମାନେ ପୃଷ୍ଠପୋଷକତା ପ୍ରଦାନ କରିଥିଲେ। ସେମାନେ ମୋଟାମୋଟି ଭାବେ ଚତୁର୍ଥରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ଶାସନ କରୁଥିଲେ। ଏହି ଚିତ୍ରଗୁଡ଼ିକ ନିଜର ଅମ୍ଳାନ (Unfading)ରଙ୍ଗ ଦୃଷ୍ଟିରୁ ଉଲ୍ଲେଖନୀୟ ଅଟେ। ଏହା ବିଶ୍ୱାସ କରାଯାଏ ଯେ ଷଷ୍ଠରୁ ଦଶମ ଶତାବ୍ଦୀ ମଧ୍ୟରେ ଶାସନ କରୁଥିବା ପଲ୍ଲବ ବଂଶର ରାଜାମାନଙ୍କ ସମୟରେ ମହାବାଳୀପୁରମ୍‌ର ଗୁମ୍ଫାରେ କରାଯାଇଥିବା କଳାଗୁଡ଼ିକ ଅଜନ୍ତା ଏବଂ ଏଲୋରା ଚିତ୍ର କଳାରେ ବ୍ୟବହୃତ ହୋଇଥିବା କଳା କୌଶଳର ବ୍ୟବହାର କରାଯାଇଥିଲା।

> ମହାବଳୀପୁରମ୍ (ଚେନାଇ ନିକଟ)ରେ ପାହାଡ଼ କାଟି କରାଯାଇଥିବା ମନ୍ଦିର ମାମ୍‌ଲନି ନରସିଂହା ପଲବନ୍‌ଙ୍କ ସମୟର ଅଟେ। ସେ ୭ମ ଶତାବ୍ଦୀରେ ଶାସନ କରୁଥିଲେ। ଏହି ଗୁମ୍ଫା ଗୁଡ଼ିକର ଆଭ୍ୟନ୍ତରୀଣ ଭାଗରେ ଏବଂ ପାହାଡ଼ଗୁଡ଼ିକରେ ସମ୍ମୁଖ ଭାଗରେ ମହାଭାରତର ଅତି ସୁନ୍ଦର ଦୃଶ୍ୟଗୁଡ଼ିକ ଚିତ୍ରିତ ତଥା ଖୋଦିତ କରାଯାଇଥିଲା।

ଚିତ୍ରକଳା ଏକ କଳାତ୍ମକ ବସ୍ତୁ ହିସାବରେ ବିକାଶ ରାଜ ଦରବାର ତଥା ସହର ଏବଂ ନଗରଗୁଡ଼ିକରେ ହୋଇଥିଲା। ଏହି ପରମ୍ପରା ଅନୁସାରେ ଆମେ ମୋଗଲ କାଳର କ୍ଷୁଧାକୃତି ଚିତ୍ର (miniature painting)ର ଗଣନା କରି ପାରିବା। ମୋଗଲ ଚିତ୍ରକଳା (୧୬ଶରୁ ୧୮ଶ ଶତାବ୍ଦୀ ମଧ୍ୟରେ କରାଯାଇଥିବା)ମୁଖ୍ୟତଃ ସଫବିଦ୍(Safavid)ବା ଇରାନୀ ଓ ହିନ୍ଦୁସ୍ଥାନୀ ପରମ୍ପରାର ଏକ ସୁନ୍ଦର ମିଶ୍ରିତ କଳା ଅଟେ। ମୋଗଲ ଏବଂ ରାଜପୁତ କଳାକାରମାନେ ପରସ୍ପରର ଅଲଗା ଥିଲେ ମଧ୍ୟ ପରସ୍ପରକୁ ପ୍ରଭାବିତ କରିଥିଲେ। ପୁସ୍ତକ ବନ୍ଧା (Book-binding) ଏବଂ ପାଣ୍ଡୁଲିପି ଚିତ୍ରଣ ଆଦି କଳା ସହିତ ସଂଶ୍ଳିଷ୍ଟ ଥିଲେ ଏହାର ବିକାଶ ଏହି ସମୟରେ ହୋଇଥିଲା। ଅତ୍ୟଧିକ ଚିତ୍ରିତ ବାଦଶାହାନାମା ପାଣ୍ଡୁଲିପିର ଚିତ୍ରଣର କଳାରେ ପାରଙ୍ଗମ କୁଶଳୀ ଫାରସୀ କାରିଗରମାନଙ୍କର କାରିଗରୀର ଉଚ୍ଚ ଉଦାହରଣ ରହିଛି। ଅନ୍ୟ ପ୍ରସିଦ୍ଧ ସଚିତ୍ର ପାଣ୍ଡୁଲିପିମାନଙ୍କ ମଧ୍ୟରେ ଆକବରନାମା ଅନ୍ୟତମ। ଉକ୍ତ ଦୁଇଟି କୀର୍ତ୍ତିମାନ ରାଜାଙ୍କର "ଜୀବନ ଚରିତ" ଅଟେ।

ଅନ୍ୟ ଏକ ଉଦାହରଣ ହେଲା ସଚିତ୍ର ଜୈନ ପାଣ୍ଡୁଲିପିଗୁଡ଼ିକ। ଏଗୁଡ଼ିକର ଉତ୍ପତ୍ତି ଷଷ୍ଠ ଶତାବ୍ଦୀ ଠାରୁ ଆରମ୍ଭ ହୋଇଥିଲା। ଜୈନମାନେ ନିଜର ପ୍ରାଚୀନ ଜ୍ଞାନକୁ ଲିପିବଦ୍ଧ କରି ସୁରକ୍ଷିତ ରଖିବା ପାଇଁ ସ୍ଥିର କରିଥିଲେ। କେତେକ କ୍ଷେତ୍ରରେ ସୌଦାଗରମାନେ ପାଣ୍ଡୁଲିପି ତିଆରି ପାଇଁ କଳାକାରମାନଙ୍କୁ ନିୟୋଜିତ କରୁଥିଲେ। ଉକ୍ତ ପାଣ୍ଡୁଲିପିଗୁଡ଼ିକ କ୍ଷୁଦ୍ରାକୃତି ଚିତ୍ର ଦ୍ୱାରା ଅତି ସୁନ୍ଦର ଭାବରେ ଚିତ୍ରିତ କରାଯାଇଥିଲା। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ପ୍ରଥମ ତୀର୍ଥାଙ୍କର ରାସଭଦେବ ନିଜେ ଜଣେ କୁଶଳ ଚିତ୍ରକର ଥିଲେ। ପ୍ରାଥମିକ ସଚିତ୍ର ଜୈନ ପାଣ୍ଡୁଲିପି ହିସାବରେ "ଅଷ୍ଟସହସିକା ପ୍ରଜ୍ଞା ପରମିତା" ଅନ୍ତର୍ଗତ। ଜୈନ ଧର୍ମ ଏବଂ ଦର୍ଶନ ଉପରେ ସବୁଠାରୁ ପ୍ରସିଦ୍ଧ କ୍ଷୁଦ୍ରାକୃତି ଚିତ୍ରର ଚିତ୍ରକଳା ହେଲା "ତ୍ରୀଲୋକ୍ୟ ଦୀପିକା"।

ପ୍ରାରମ୍ଭିକ ଚିତ୍ରକଳାଗୁଡ଼ିକ ଅବକାଶ ସମୟରେ ତିଆରି କରାଯାଉଥିବା କଳାକୃତୀ ଥିଲା। ଅନ୍ୟ ପକ୍ଷରେ କେତେକ ଆଧୁନିକ କଳାକୃତିଗୁଡ଼ିକ ତତ୍‌କାଳୀନ ଆବଶ୍ୟକତା ପାଇଁ ଅତି ଶୀଘ୍ର ତିଆରି କରାଯାଇଥିଲା। ଉଦାହରଣ ସ୍ୱରୂପ ହୋଡ଼ିଂସ୍ (Hoardings) ଏବଂ ପ୍ରଚାର ପତ୍ର (Posters) ଏବଂ ବିଜ୍ଞାପନ-ସିନେମାଗୁଡ଼ିକ ଜନତାଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ତିଆରି କରାଯାଇଥିଲା ଏବଂ ପ୍ରତି ସପ୍ତାହରେ ବଦଳା ଯାଉଥିଲା। ପ୍ରାରମ୍ଭିକ ଚିତ୍ରକଳାର ବୀପରିତରେ ଉକ୍ତ ହୋଡ଼ିଂଗୁଡ଼ିକର ଜୀବନ କ୍ଷଣସ୍ଥାୟୀ ଥିଲା କାରଣ ଏହାକୁ ବାରମ୍ବାର ବଦଳା ଯାଉଥିଲା।

## ୩୦.୨ ପାଠଗତ ପ୍ରଶ୍ନ

**୧. ଠିକ୍ ବା ଭୁଲ୍‌ର ଚିହ୍ନ ପ୍ରଦାନ କର।**

କ. ମଧୁବନ ଚିତ୍ରକଳା କର୍ମକାଣ୍ଡ ଓ ଧାର୍ମିକ ପରମ୍ପରା ରୂପରେ ଆରମ୍ଭ ହୋଇଥିଲା।



ଟିପ୍ପଣୀ

ଖ. ଗୁମ୍ଫା ଚିତ୍ରକଳାକୁ ରାଜକୀୟ ସଂରକ୍ଷଣ ମିଳିଥିଲା ।

ଗ. ମୋଗଲ ପ୍ରତିକୃତିରେ ଗ୍ରାମୀଣ ପରମ୍ପରାର ଗଠନ ।

ଘ. ଆକବର ନାମା ଓ ପାଦଶାହାନାମା ରାଜାମାନଙ୍କର ଜୀବନ ଚରିତ ?

୨. କେତେକ ସ୍ଥାନର ନାମ ଲେଖ ଯେଉଁଠାରେ ପ୍ରାରମ୍ଭିକ ଗୁମ୍ଫା-ଚିତ୍ରକଳା ଦେଖାଯାଏ ।

.................................................................................

## ୩୦.୨ ଭାରତୀୟ ବସ୍ତ୍ର ଏବଂ ପୋଷାକ

ଭୌଗଳିକ ଏବଂ ଜଳବାୟୁ ପରିସ୍ଥିତି ଭାରତୀୟ ଲୋକମାନଙ୍କର ପୋଷାକକୁ ଅନେକ ଭାବରେ ପ୍ରଭାବିତ କରିଅଛି । ଉତ୍ତର ଭାରତରେ ପଶମ ଏକ ସୁତା ବସ୍ତ୍ର ପିନ୍ଧୁଥିବାବେଳେ ଦକ୍ଷିଣ ଭାରତର ଉଷ୍ଣ ଜଳବାୟୁରେ ଲୋକମାନେ କେବଳ ସୁତା ବସ୍ତ୍ର ପିନ୍ଧନ୍ତି । ଉଷ୍ମ ଅଞ୍ଚଳରେ ପୁରୁଷମାନେ ଦେହରେ ପକାଇବା ପାଇଁ ଏକ ଲୁଗା (ଗାମୁଛା) ଓ ପ୍ରାୟ ଦେଢ଼ଗଜ ବିଶିଷ୍ଟ ଏକ ନିମ୍ନ ଶରୀରେ ପିନ୍ଧିବା ପାଇଁ ଲୁଗା(ଲୁଙ୍ଗୀ) ବ୍ୟବହାର କରିଥାଆନ୍ତି । ଉତ୍ତର ଭାରତରେ ପୁରୁଷମାନେ ସିଲେଇ କରାଯାଇଥିବା ସାର୍ଟ ବା କୁର୍ତ୍ତା ଏବଂ ପାଇଜାମା ପରିଧାନ କରନ୍ତି । ସ୍ତ୍ରୀଲୋକମାନେ ୬ ଗଜ ବିଶିଷ୍ଟ ସିଲାଇ ହୋଇ ନଥିବା କପଡ଼ା ଯାହାକୁ ଶାଢ଼ୀ କୁହାଯାଏ ଏବଂ ପୁରୁଷଙ୍କ ଭଳି ସିଲାଇ ହୋଇଥିବା କୁର୍ତା-ସାଲୱାର ପିନ୍ଧୁଥିଲେ । ଶାଢ଼ୀ ପିନ୍ଧିବା ବିଭିନ୍ନ ଅଞ୍ଚଳର ସାଂସ୍କୃତିକ ପରମ୍ପରାଗୁଡ଼ିକ ଉପରେ ନିର୍ଭର କରୁଥିଲା । ଉଦାହରଣ ସ୍ୱରୂପ ମହାରାଷ୍ଟ୍ର ତଥା ତାମିଲନାଡୁର ସ୍ତ୍ରୀମାନେ ନଅ ଗଜ ବିଶିଷ୍ଟ ଶାଢ଼ୀ ପିନ୍ଧନ୍ତି ଯାହାକି ଦୁଇଗୋଡ଼ ମଧ୍ୟରେ ବିଭାଜିତ ହୋଇଥାଏ । ସେହିପରି କେରଳର ସ୍ତ୍ରୀଲୋକମାନେ ଗୋଇଠି ପର୍ଯ୍ୟନ୍ତ ଲମ୍ୱିଥିବା ଚାରି ବା ପାଞ୍ଚ ଗଜର ଶାଢ଼ୀ ପିନ୍ଧି ଥାଆନ୍ତି ।

ଏକଥା ବିଶ୍ୱାସ କରାଯାଏ ଯେ ପ୍ରାରମ୍ଭିକ ଭାରତରେ ପିନ୍ଧାଯାଉଥିବା ଲୁଗା ସିଲାଇ ହେଉ ନଥିଲା । ଏହା କହିବା କଷ୍ଟ ସାଧ୍ୟ ଯେ ଭାରତୀୟମାନେ ସିଲାଇ ହେବା ଲୁଗା କେବେ ପିନ୍ଧିବା ଆରମ୍ଭ କଲେ । ପ୍ରାରମ୍ଭିକ ଖ୍ରୀଷ୍ଟିୟ ଶତାବ୍ଦୀର ଚିତ୍ରକଳା ଓ ମୂର୍ତ୍ତିଗୁଡ଼ିକରେ କୁଶାଣ ପ୍ରହରୀ ଏବଂ ସୈନିକମାନେ ପୁରା ପେଣ୍ଟ ଏବଂ ଜାକେଟ ପିନ୍ଧିବାର ଦେଖା ଯାଇଥାଏ । ଅମରାବତୀ (ଆନ୍ଧ୍ର ପ୍ରଦେଶ) ଅଥବା ବୃହଦୀଶ୍ୱରମ୍ (ତାମିଲନାଡୁ)ର ପ୍ରାଚୀନ ମୂର୍ତ୍ତିଗୁଡ଼ିକରେ କେବଳ ସେବାୟତ ଏବଂ ନର୍ତ୍ତକୀମାନଙ୍କୁ ସିଲେଇ କରାଯାଇଥିବା ଲୁଗାରେ ଚିତ୍ରିତ କରାଯାଇଅଛି କିନ୍ତୁ ରାଜା ଅଥବା ଦେବତାମାନେ ନୁହେଁ ।

ମଥୁରା ସଂଗ୍ରହାଳୟରୁ ଯାଇଥିବା ଜାତୀୟ ସଂଗ୍ରହାଳୟରେ ଥିବା ମୁଣ୍ଡବିହୀନ କୋଟ ପିନ୍ଧା ମୂର୍ତ୍ତି ଦେଖିବାକୁ ମିଳେ । ଭାରତରେ କାର୍ପାସର ଉତ୍ପାଦନ ପ୍ରାଗ୍ ଐତିହାସିକ ଯୁଗରୁ ହୋଇ ଆସୁଅଛି । ହରପ୍ପା ସଭ୍ୟତାର ସବୁଠାରୁ ବିଶାଳ ସହର ମହେଞ୍ଜୋଦାରୋରେ କାର୍ପାସ ବସ୍ତ୍ରର ବ୍ୟବହାରର ସୁନିଶ୍ଚିତ ପ୍ରମାଣ ମିଳେ । ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ତକଲି (ସୂତା କଟା ଯନ୍ତ୍ର) ଆବିଷ୍କାର ହୋଇଅଛି । ଅଥର୍ବ ବେଦ ଭଳି ପ୍ରାଗ୍ ସାହିତ୍ୟରେ ସର୍ବ ପୁରାତନ ଲୁଗାବୁଣା ତନ୍ତ ବିଷୟରେ



ଟିପ୍ପଣୀ



ଉଲ୍ଲେଖ ହୋଇଥିବା ଦେଖିବାକୁ ମିଳେ । ସୂତା କାଟିବା କାମରେ ସାଧାରଣତଃ ବିଧବା ଏବଂ ଅବିବାହିତ ମହିଳାମାନେ ନିୟୋଜିତ ହୋଇଥିଲେ ।

ଭାରତରେ ବୁଣା ଯାଉଥିବା ଲୁଗା ସଂସ୍କୃତିକୁ ପ୍ରତିଫଳନ କରେ । ଏଥି ସହିତ ଜଡ଼ିତ ସମସ୍ତ ଜିନିଷ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଯଥା:-ପସନ୍ଦଯୋଗ୍ୟ ରଙ୍ଗ, ଏଥିରେ ବୁଣାଯାଇଥିବା ନକ୍ସା ଓ ରୂପ (Design) ଏବଂ ଯେଉଁ ଅବସରରେ ଏହା ପିନ୍ଧା ଯାଏ । ଲାଲ ଉର୍ବରତାର ସୂଚକ ଅଟେ ତେଣୁ ସାଧାରଣତଃ ନବ ବଧୂମାନେ ନିଜର ବିବାହ ସମୟରେ ପିନ୍ଧୁଥିଲେ । ଗେରୁଆ ଏବଂ ଧଳା ଶୁଦ୍ଧତା ତଥା ତ୍ୟାଗର ସୂଚନା ଦେଇଥାଏ ତେଣୁ ସାଧାରଣତଃ ଆଧ୍ୟାତ୍ମିକ ମାର୍ଗର ବ୍ୟକ୍ତିମାନେ ତଥା ବିଧବାମାନେ ଏ ପ୍ରକାର ବସ୍ତ୍ର ପିନ୍ଧୁଥିଲେ । କଳା ରଙ୍ଗକୁ ଅଶୁଭ ବୋଲି ଧରା ଯାଉଥିଲେ ମଧ୍ୟ ଦକ୍ଷିଣ ଭାରତର ଗର୍ଭବତୀ ମହିଳାମାନେ ଏପରିବସ୍ତ୍ର ପରିଧାନ କରୁଥିଲେ । ବିଶ୍ୱାସ କରାଯାଏ ଯେ ସାଧାରଣତଃ ଅଶୁଭ ଦୃଷ୍ଟିରୁ ନିଜକୁ ବଞ୍ଚାଇବା ପାଇଁ ଏପରି ପିନ୍ଧୁଥିଲେ । ନୀଳ(ଇଣ୍ଡିଗୋ) ଏବଂ ମେଡାର (Madder) ଭଳି ବନସ୍ପତି ରଙ୍ଗରେ ପରମ୍ପରାଗତ ରଙ୍ଗାଇବା କାର୍ଯ୍ୟ କରାଯାଉଥିଲା । ଯଦିଓ ବର୍ତ୍ତମାନ ଅଧିକାଂଶ ରଞ୍ଜକ (Dyers) ମାନେ ଶସ୍ତା ରାସାୟନିକ ରଙ୍ଗରେ ରଙ୍ଗ କରିବା କାମ ଆରମ୍ଭ କରିଛନ୍ତି ।

ବସ୍ତ୍ରର ପ୍ରାଗ୍-ଆକୃତିଗୁଡ଼ିକ ଜ୍ୟାମିତିକ ହୋଇଥିଲା । ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ବସ୍ତ୍ର ଉପରେ ବିଭିନ୍ନ ପ୍ରକାରର ଗଛପତ୍ର ତଥା ପଶୁପକ୍ଷୀଙ୍କର ଚିତ୍ରଗୁଡ଼ିକ ଆମ୍ଭକୁ ଜଣାଇ ଦେଉଅଛି ଯେ ସେମାନେ କେଉଁକେଉଁ ଜିନିଷ ପ୍ରତି ପରିଚିତ ଥିଲେ ଏବଂ କାହାକୁ ମହତ୍ୱପୂର୍ଣ୍ଣ ବୋଲି ପରିଗଣିତ କରୁଥିଲେ । ପଦ୍ମଫୁଲ ଓ ଆମ୍ବ ଆକୃତିର ବସ୍ତ୍ରକୁ ଭାରତରେ ବହୁ ଭାଗରେ ଲୋକପ୍ରିୟ ଥିଲା । ଭାରତ ଏକ ସମୃଦ୍ଧ ଏବଂ ବିଭିନ୍ନ ପ୍ରକାରର ବସ୍ତ୍ରର ଉତ୍ପାଦନ କରୁଥିଲା । ବନାରସର ଜରିଦିଆ ରେଶମ ଶାଢ଼ୀ ଯାହାକୁ ଜାମଦାନୀ ଏବଂ ଜାମେବର କୁହାଯାଏ, କାଞ୍ଚିପୁରମ୍‌ର ସ୍ୱର୍ଣ୍ଣ କିନାର ଯୁକ୍ତ ରେଶମ ଶାଢ଼ୀ, ଆସାମ, ବଙ୍ଗଳା ତଥା କର୍ଣ୍ଣାଟକର ଟସର ଓ ରେଶମର ସୁପ୍ରସିଦ୍ଧ ବିଭିନ୍ନ ପ୍ରକାରର ଶାଢ଼ୀ, କାର୍ପାସ ବସ୍ତ୍ରଗୁଡ଼ିକୁ ସାଧାରଣ ସମାନ୍ତରାଳ ତନ୍ତ ଦ୍ୱାରା ବୁଣାଯାଉଥିବା ବେଳେ ଜରିକାମ ଥିବା ରେଶମ ବସ୍ତ୍ର ପାଇଁ ଅଧିକା ପେଡ଼େଲ ଥିବା ଜଟିଳ ତନ୍ତର ଆବଶ୍ୟକତା ପଡୁଥିଲା । ରେଶମ ବସ୍ତ୍ର ସୂତା ଲୁଗାଠାରୁ ଅଧିକ ଦାମିକା ଥିଲା ଏବଂ କମ୍ ସଂଖ୍ୟକ ଲୋକ ଏଗୁଡ଼ିକୁ କିଣି ପାରୁଥିଲେ ।

ବିଭିନ୍ନ ପ୍ରକାର ବସ୍ତ୍ର ପାଇଁ ଭିନ୍ନ ଭିନ୍ନ ଉତ୍ପାଦନ-କୌଶଳର ଆବଶ୍ୟକତା ପଡ଼ିଥାଏ । ଟାଇ ଏଣ୍ଡ ଡ଼ାଇ (Tie & Dye) ନାମକ ବସ୍ତ୍ର ଯାହାକୁ ବିଭିନ୍ନ ସାଂସ୍କୃତିକ ପରମ୍ପରାରେ ବାନ୍ଧିନୀ(ରାଜସ୍ଥାନ, ଗୁଜୁରାଟ), ଏକଟ(ଓଡ଼ିଶା) ଅଥବା ଚୁଙ୍ଗଡ଼ି(ତାମିଲନାଡୁ) ଆଦି କୁହାଯାଏ । ଏହାକୁ ଏକ ପ୍ରକ୍ରିୟା ଦ୍ୱାରା ତିଆରି କରାଯାଏ ଯେଉଁଥିରେ ଲୁଗା ଏବଂ ବେଳେ ବେଳେ ବୁଣା ଯାଉଥିବା ସୂତାକୁ ବାନ୍ଧି ରଙ୍ଗ କରାଯାଏ ।

କଲମକାରୀ ବସ୍ତ୍ର ଆନ୍ଧ୍ରର ଏକ ଜୀବିତ ପରମ୍ପରାର ଏକ ଅଙ୍ଗ ଅଟେ । "କଲମକାରୀ" ଶବ୍ଦର ଅର୍ଥ ହେଲା କଲମରେ କରାଯାଉଥିବା କାର୍ଯ୍ୟ । ଉକ୍ତ ଚିତ୍ରକରମାନଙ୍କୁ ଦାକ୍ଷିଣାତ୍ୟର ସୁଲତାନମାନେ(୧୪ଶରୁ ୧୭ଶ ଶତାବ୍ଦୀ ପର୍ଯ୍ୟନ୍ତ)ଏବଂ ସମ୍ଭ୍ରାନ୍ତ ବର୍ଗମାନଙ୍କ ଦ୍ୱାରା ପୃଷ୍ଠପୋଷକତା





ପ୍ରଦାନ କରାଯାଉଥିଲା । ଏଗୁଡ଼ିକରେ ଚିତ୍ରିତ ବିଷୟବସ୍ତୁଗୁଡ଼ିକ ହିନ୍ଦୁ ଏବଂ ମୁସଲମାନ ବିଷୟରେ ଏକ ମିଶ୍ରଣ ହୋଇଥିଲା । କୌତୁହଳର ବିଷୟ ଯେ ଆଜିକାଲି ବିକ୍ରୀ ହେଉଥିବା "କଲମକାରୀ" ମେସିନ୍ ଦ୍ୱାରା ତିଆରି ହେଉଥିବା ବେଳେ ସେଥିରେ ଚିତ୍ର ଫଳକ (Block) ଦ୍ୱାରା ଛାପାକାମ (Print) କରାଯାଉଅଛି । ବାସ୍ତବରେ ଆଜିକାଲି ଉତ୍ପାଦନ କରାଯାଉଥିବା ଅଧିକାଂଶ ଲୁଗା ବିଦ୍ୟୁତ ଚାଳିତ ତନ୍ତ ଦ୍ୱାରା କରାଯାଉଅଛି ।

### ୩୦.୧ ପାଠଗତ ପ୍ରଶ୍ନ

୧. ବାନ୍ଧଣୀ କୌଶଳ କହିଲେ କ'ଣ ବୁଝ ? କେଉଁଠାରେ ଏହାର ଉତ୍ପାଦନ ହୁଏ ?

...........................................................................................

୨. କଲମକାରୀ ଶବ୍ଦର ଅର୍ଥ ବ୍ୟାଖ୍ୟା କର ।

...........................................................................................

୩. ଠିକ୍ ବା ଭୁଲ ପ୍ରତିପାଦନ କର ।

(କ) ସୂତା ଲୁଗା ଉଷ୍ମ ଜଳବାୟୁରେ ପିନ୍ଧାଯାଏ ।

(ଖ) ରେଶମ ଲୁଗା ସୂତା ଲୁଗା ଅପେକ୍ଷା ଶସ୍ତା ଅଟେ ।

(ଗ) ବାନ୍ଧିକି ରଙ୍ଗ କରିବା ଲୁଗାକୁ ଜାମଦାନୀ କୁହାଯାଏ ।

(ଘ) ନୀଳ (Indigo) ଏବଂ (Modder) ବନସ୍ପତି ରଙ୍ଗ ଅଟେ ।

## ୩୦.୩ ସାହିତ୍ୟ

ବର୍ତ୍ତମାନ ଆମେ ଆମର ସମୃଦ୍ଧ ଏବଂ ବିଭିଦତା ପୂର୍ଣ୍ଣ ସାହିତ୍ୟ ଉପରେ ନଜର ପକାଇବା ଯାହାକି ମହାକାବ୍ୟଠାରୁ ଲୋକଗୀତ ଏବଂ ଶାସ୍ତ୍ରୀୟ ଠାରୁ ଲୋକ ପ୍ରିୟ ସାହିତ୍ୟ ପର୍ଯ୍ୟନ୍ତ ସମସ୍ତ ରୂପରେ ଉପଲବ୍ଧ ଅଟେ ।

ଭାରତ ଏପରି ଏକ ଦେଶ ଯେଉଁଠାରେ ଅନେକ ଭାଷା କୁହାଯାଏ । ଏଠାରେ ପ୍ରାୟ ୩୨୫ ଭାଷା ଏବଂ ଉପଭାଷାରେ ଭାବ ପ୍ରଦାନ କରାଯାଏ । ଉଦାହରଣ ପାଇଁ, ହିନ୍ଦି ଉତ୍ତର ପ୍ରଦେଶର ମୁଖ୍ୟ ଭାଷା ଅଟେ ଏବଂ ଏଠାକାର ଲୋକେ ୮୫ଟି ଉପଭାଷା ବା ବୋଲିରେ କଥାବାର୍ତ୍ତା କରନ୍ତି ଯାହାକି ହିନ୍ଦିର ଆଞ୍ଚଳିକ ସ୍ୱରୂପ ଅଟେ ।

ବିଷୟବସ୍ତୁ ଦୃଷ୍ଟିରୁ ଆମର ସାହିତ୍ୟ ଧାର୍ମିକ ତଥା ଅଣଧାର୍ମିକ ଉପରେ ଆଧାରିତ । ଲୋକଙ୍କର ଜୀବନଠାରୁ ଆରମ୍ଭ କରି ରାଜ ଦରବାର ବିଷୟବସ୍ତୁ ପର୍ଯ୍ୟନ୍ତ ଲମ୍ବିଥିଲା । ସଂସ୍କୃତରେ ଲେଖା ଯାଇଥିବା ବେଦ ଆମ ଧାର୍ମିକ ସାହିତ୍ୟରେ ଅଙ୍ଗ ହୋଇଥିବା ବେଳେ ଶୁଦ୍ରକଙ୍କର "ମୃଚ୍ଛାକଟୀକା", ଯାହାର ଶବ୍ଦିକ ଅର୍ଥ ହେଲା ମାଟିର ଖେଳନାର ଗଳ୍ପ, ସାଂସାରିକ ବିଷୟବସ୍ତୁ ଉପରେ ଆଧାରିତ । ରାମାୟଣ ଏବଂ ମହାଭାରତ ଭଳି ମହାକାବ୍ୟର ପୁନଃ-କଥନରେ ଏକ ବ୍ୟାପକ

ଟିପ୍ପଣୀ

ଆଞ୍ଚଳିକ ତାରତମ୍ୟ ବିଶେଷ ଭାବେ ରହିଅଛି । ସମସ୍ତଙ୍କୁ ଜଣାଅଛି ଯେ ବାଲ୍ମୀକି ଲେଖିଥିବା ରାମାୟଣଙ୍କୁ ସଂସ୍କୃତରେ “ଆଦି କାବ୍ୟ” ନାମରେ ପରିଚିତ । ତୁଳସୀ ଦାସ ରାମାୟଣଙ୍କୁ ହିନ୍ଦି ଭାଷାରେ ଲେଖିଥିଲେ ଏହା “ରାମ ଚରିତ ମାନସ” ନାମରେ ଲୋକ ପ୍ରିୟ ହୋଇଅଛି । ଚୋଳ ଶାସକଙ୍କ ରାଜ କବି କମ୍ବନ (Kamban) ତାମିଲ ଭାଷାରେ ରାମାୟଣ ରଚନା କରିଥିଲେ । ସେହିପରି ରାମାୟଣର ତେଲଗୁ ଭାଷାରେ ଲୋକପ୍ରିୟ ସଂକଳନ କୃଷକ ମହିଳା ମୋଲ୍ଲାଙ୍କ ଦ୍ୱାରା କରାଯାଇଥିଲା ।

ଏହା ଏକ କୌତୁକ ପୂର୍ଣ୍ଣ ବିଷୟ ଯେ ଲେଖକଙ୍କର ସାମାଜିକ ସ୍ଥିତି ତାଙ୍କର ରଚନାଗୁଡ଼ିକୁ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ କମ୍ବନ ସମ୍ଭ୍ରାନ୍ତ ଶାସକ ବର୍ଗଙ୍କର ଭାଷା ଏବଂ କଳ୍ପନାର (imagery) ବ୍ୟବହାର କରିଥିବା ସମୟରେ ମୌଲ୍ଲା ଚାଷୀ ମହିଳା ପରି ଲେଖୁଥିଲେ ଏବଂ ସୂର୍ଯ୍ୟାସ୍ତର ବର୍ଣ୍ଣନା କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ସୂର୍ଯ୍ୟ ଆକାଶରୁ ତଳକୁ ଚାଲିଗଲେ ଯେପରି କୌଣସି ଶ୍ରମିକ ଦିନସାରା ପରିଶ୍ରମ କଲାପରେ ଯେପରି କ୍ଲାନ୍ତ ଅନୁଭବ କରନ୍ତି ।

ବର୍ତ୍ତମାନ ଆମେ ବିଶ୍ୱାସ ଯୋଗ୍ୟ ବେଦ ବ୍ୟାସଙ୍କ ଦ୍ୱାରା ରଚିତ ସଂସ୍କୃତ ମହାଭାରତର ଆଞ୍ଚଳିକ ତଥା ଲୌକିକ ପରିବର୍ତ୍ତନକୁ ପରିଲକ୍ଷିତ କରିବା । ମହାଭାରତର ଏକ ତେଲଗୁ ଅନୁବାଦରେ ଲେଖା ଯାଇଅଛି ଯେ ଯୁଧିଷ୍ଠିରଙ୍କ ନେତୃତ୍ୱରେ ପାଣ୍ଡବମାନେ ଦୁର୍ଯ୍ୟୋଧନଙ୍କ ସହିତ ପଶା ଖେଳରେ ନିଜର ସମ୍ପତ୍ତି ଏବଂ ସ୍ୱାଧୀନତା ହରାଇବା ପରେ ଦ୍ରୌପଦୀ ନିଜେ ପଶା ଖେଳରେ ଯୋଗଦାନ କରିବା ପାଇଁ ନିଜର ଅଧିକାର ସାବ୍ୟସ୍ତ କରିଥିଲେ । ନିଜର ବିରୋଧିମାନଙ୍କୁ ତାଚ୍ଛଲ୍ୟ ପ୍ରଦାନ କରିବା ପାଇଁ ସେ ନିଜ ପାଦରେ ପଶା କାଠି ପକାଇ ନିଜ ସ୍ୱାମୀମାନେ ହରାଇଥିବା ସମସ୍ତ ଜିନିଷକୁ ଜିତିବା ଆରମ୍ଭ କରିଥିଲେ । ଦକ୍ଷିଣ ଭାରତର ଅନେକ ଭାଗରେ ଦ୍ରୌପଦରଙ୍କୁ ଦେବୀ ରୂପେ ପୂଜା କରାଯାଉଅଛି ।

ମହାଭାରତରେ ଏକ ତାମିଲ ଅନୁବାଦରେ ଏକ ପାଣ୍ଡ୍ୟବଂଶର ରାଣୀ ଆଲିରାଣୀ (Alirani)ଙ୍କ ବିଷୟରେ ବର୍ଣ୍ଣନା କରାଯାଇଅଛି ଯେ ସେ ପୁରୁଷମାନଙ୍କୁ ଘୃଣା କରୁଥିଲେ ଏବଂ କେବଳ ସ୍ତ୍ରୀମାନଙ୍କ ସହାୟତାରେ ରାଜ୍ୟ ଶାସନ କରୁଥିଲେ । ଆହୁରି ମଧ୍ୟ ବର୍ଣ୍ଣିତ ହୋଇଅଛି ଯେ ସେ ଯୁଦ୍ଧରେ ଅର୍ଜୁନଙ୍କୁ ହରାଇଦେବା ପରେ ତାଙ୍କୁ ବିବାହ କରିଥିଲେ । ହିମାଳୟ ଅଞ୍ଚଳର ମହାଭାରତର ବର୍ଣ୍ଣନାରେ ଭୀମଙ୍କୁ ପ୍ରାଧାନ୍ୟତା ଦିଆଯାଇଥାଏ । ଭୀମ ଏବଂ ତାଙ୍କର ଆଦିବାସୀ ସମ୍ପ୍ରଦାୟର ପତ୍ନୀ ହିଡ଼ିମ୍ବାଙ୍କୁ ହିମାଚଳ ପ୍ରଦେଶର ମାଣ୍ଡି ଅଞ୍ଚଳରେ ମୁଖ୍ୟ ଦେବତା ଅଟନ୍ତି । ଦ୍ରୌପଦୀଙ୍କ ଦ୍ୱାରା ପାଞ୍ଚଭାଇଙ୍କୁ ବିବାହକରିବା ମହାଭାରତର ପରମ୍ପରା ଅନୁସାରେ ବହୁପତି ଗ୍ରହଣ ପ୍ରଥା ଏବେ ବି ପ୍ରଚଳିତ । ଛତିଶଗଡ଼ରେ ମହାଭାରତରେ ଅନୁବାଦକୁ “ପାଣ୍ଡାଭାନି” କୁହାଯାଏ । ଏଠାରେ ମଧ୍ୟ ଭୀମଙ୍କୁ ଅଧିକ ଆଧିପତ୍ୟ ଦିଆଯାଇଅଛି । ଏହାର ଉତ୍ତର-ପୂର୍ବ ଅଞ୍ଚଳର ଅନେକ ଆଦିବାସୀ ଗୋଷ୍ଠୀମାନେ ସିଧାସଳଖ ଭାବେ ଭୀମ ଏବଂ ହିଡ଼ିମ୍ବାଙ୍କ ବଂଶଧର ବୋଲି ସାବ୍ୟସ୍ତ କରନ୍ତି । ଉଦାହରଣ ସ୍ୱରୂପ ଜିମାପୁରର ଦାରଂଗକଚାରୀମାନେ ନିଜକୁ ଭୀମ-ନୀ-ଫା ବୋଲି ବର୍ଣ୍ଣନା କରନ୍ତି ଯାହାର ଅର୍ଥ ହେଲା ଭୀମଙ୍କ ସନ୍ତାନ ।

ଯଦିଓ ମହାଭାରତର ଅନେକ ଘଟଣା ତଥା ଚରିତ୍ରଗୁଡ଼ିକ ଉତ୍ତର ଭାରତ ସହିତ ଜଡ଼ିତ ଥିଲ । ମଧ୍ୟ ମହାଭାରତରେ ଏକ ସୁଦୃଢ଼ ପରମ୍ପରା ସାରା ଭାରତରେ ବିସ୍ତାର ଲାଭ କରିଅଛି । ବିଭିନ୍ନ ସମ୍ପ୍ରଦାୟ ଏହାକୁ ନିଜ ନିଜ ଢ଼ଙ୍ଗରେ ବୁଝୁଛନ୍ତି ଏବଂ ଏହାକୁ ବିଭିନ୍ନ ଆଞ୍ଚଳିକ କାହାଣୀଗୁଡ଼ିକ ସହିତ ଜଡ଼ିତ କରି ଏହାକୁ ସମ୍ପ୍ରେଷିତ କରୁଅଛନ୍ତି । ଏହି ପ୍ରକାର ମହାଭାରତ ଲୋକଙ୍କର ବିଭିନ୍ନ ସଂସ୍କୃତିଗୁଡ଼ିକୁ ପ୍ରତିବିମ୍ବିତ କରୁଅଛି । ସେଗୁଡ଼ିକରେ ଶାସ୍ତ୍ରୀୟ ବର୍ଣ୍ଣନା ଠାରୁ ଆରମ୍ଭ କରି ଲୋକଗାଥା ପର୍ଯ୍ୟନ୍ତ ସବୁ କିଛି ଦେଖିବାକୁ ମିଳିଥାଏ ।

### ୩୦.୨ ପାଠଗତ ପ୍ରଶ୍ନ

୧. ବେଦ କେଉଁ ପ୍ରକାର ସାହିତ୍ୟର ପ୍ରନିନିଧିତ୍ୱ କରେ ?

.................................................................................

୨. ଭାରତର କେଉଁ କ୍ଷେତ୍ରରେ ଭୀମ ଏବଂ ହିଡ଼ିମ୍ବାର ପୂଜା କରାଯାଏ ?

.................................................................................

୩. ରାମାୟଣକୁ ହିନ୍ଦିଭାଷାରେ କିଏ ରଚନା କରିଥିଲେ ଏବଂ ଏହା କେଉଁ ନାମରେ ଜଣାଯାଏ ?

.................................................................................

## ୩୦.୪ ଖାଦ୍ୟ ସଂସ୍କୃତି

ଏବେ ଆମେ ନିଜର ଖାଦ୍ୟାଭ୍ୟାସ ଉପରେ ଦୃଷ୍ଟି ନିକ୍ଷେପ କରିବା । ଆମେ ଦେଖିପାରିବା ଯେ ଏକ ଜାଗାରୁ ଅନ୍ୟ ଜାଗା ମଧ୍ୟରେ ଥିବା ଅନ୍ତର ତଥା ସମୟ ସହିତ ପରସ୍ପର କ୍ରୀୟା ଦ୍ୱାରା ବଦଳି ଯାଇଥାଏ ।

ବିଭିନ୍ନ ଅଞ୍ଚଳରେ ଉତ୍ପନ୍ନ ହେଉଥିବା ଫସଲର ସ୍ୱରୂପ,ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ସାଂସ୍କୃତିକ ପ୍ରଥା ଏବଂ ଉପଭୋକ୍ତା ବର୍ଗ/ସମ୍ପ୍ରଦାୟ ଏବଂ ଆର୍ଥିକ ଓ ସାମାଜିକ ସ୍ଥିତି ଅନୁସାରେ ଭାରତୀୟମାନଙ୍କର ଖାଇବା ଅଭ୍ୟାସରେ ଅନ୍ତର ଦେଖାଯାଇଥାଏ । ସିନ୍ଧୁ ଗଙ୍ଗା ଅଞ୍ଚଳର ମୁଖ୍ୟ ଖାଦ୍ୟ ଗହମ ହୋଇଥିବା ବେଳେ ଦକ୍ଷିଣ ଭାରତର ମୁଖ୍ୟ ଖାଦ୍ୟ ଚାଉଳ ହୋଇଥାଏ । ଏହାର କାରଣ ହେଲା ଯେ ବିନ୍ଧ୍ୟ ପର୍ବତମାଳାର ଦକ୍ଷିଣରେ ଥିବା ଅଞ୍ଚଳରେ ଖୁବ୍ କମ୍ ଗହମ ଉତ୍ପାଦନ ହୁଏ ।

ଖାଦ୍ୟ ପଦାର୍ଥର ପ୍ରତ୍ନତାତ୍ତ୍ୱିକ ପ୍ରମାଣରୁ ଆମେ ଆମର ପୂର୍ବଜମାନେ ଖାଉଥିବା ଖାଦ୍ୟ ସାମଗ୍ରୀର କିଛି ପ୍ରମାଣ ମିଳିଛି । ବେଲୁଚି ସ୍ଥାନର ମେହେରଗଡ (Mehrgarh) ଭଳି ନିବାସ ସ୍ଥାନ ଯେଉଁଠାରେ ଲୋକମାନେ ବସବାସ କରୁଥିଲେ ସେଠାରେ ଗହମର ପ୍ରମାଣ ମିଳୁଅଛି । ସେହିପରି କର୍ଣ୍ଣାଟକର ବ୍ରହ୍ମଗିରୀ ଏବଂ ଇଲ୍ଲୁର, ଆନ୍ଧ୍ର ପ୍ରଦେଶର ପିକଲିହଲ ଏବଂ ତାମିଲନାଡୁର ପେୟମ୍ପଲ୍ଲୀ ଭଳି ଦକ୍ଷିଣାଞ୍ଚଳରେ ବିଶେଷ ଭାବରେ ଚାଉଳ, ରାଶୀ ଏବଂ କୁଳୁଥ



ଟିପ୍ପଣୀ



(Horsegram) ର ପ୍ରମାଣ ମିଳେ । ପିକଲିହଲ୍‌ରୁ ମିଳିଥିବା ପ୍ରମାଣ ପ୍ରକାଶ କରେ ଯେ ଏଠାରେ ଲୋକେ ପଶୁପାଳକ ଥିଲେ ଯେଉଁମାନେ କି ଗାଇ, ବଳଦ, ମେଣ୍ଢା ଏବଂ ଛେଳି ପାଳନ କରୁଥିଲେ ।

ପାଣି ତଥା ଖାଦ୍ୟ ଶସ୍ୟକୁ ସାଇତି ରଖିବା ତଥା ରୋଷେଇବାସ କରିବା ପାଇଁ ପାତ୍ରଗୁଡ଼ିକୁ ବ୍ୟବହାର କରାଯାଉଥିଲା । ଭାରତୀୟ ପ୍ରତ୍ନତତ୍ତ୍ୱବିତ୍‌ମାନେ ପ୍ରାଚୀନ ସଂସ୍କୃତିକୁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଯଥା:-ଚିତ୍ରିତ ଧୂସର ପାତ୍ର (Painted-Grey) କଳା ପଲିସ୍ କରାଯାଇଥିବା (Black Polished Pottenes) ପାତ୍ର ଆଦିର ଆଧାର ଉପରେ ଶ୍ରେଣୀ ଭୁକ୍ତ କରି ଅଛନ୍ତି । ତାମିଲନାଡୁର ଅଡ଼ିଚନ୍‌ଲୁର (Adichanallur) ଭଳି କଂସା ଯୁଗର ପ୍ରତ୍ନତାତ୍ତ୍ୱିକସ୍ଥଳରୁ କଂସା ଏବଂ ସୁନା ତିଆରି ପାତ୍ର ମଧ୍ୟ ମିଳିଅଛି । ସ୍ପଷ୍ଟ ଭାବରେ କହିବାକୁ ଗଲେ ଏଗୁଡ଼ିକର ବ୍ୟବହାର ଧନୀ ଲୋକମାନେ କରୁଥିଲେ ।

ବିଭିନ୍ନ କ୍ଷେତ୍ରରେ ନିଜ ନିଜର ଅଲଗା ରନ୍ଧନ କୌଶଳ ଥାଏ । ଦାକ୍ଷିଣାତ୍ୟର ଆନ୍ଧ୍ର, କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁର ସଂସ୍କୃତି ଚାଉଳ ଉପରେ ଆଧାରିତ । ଦକ୍ଷିଣ ଭାରତୀୟଙ୍କ ଦ୍ୱାରା ପ୍ରସ୍ତୁତ ଇଡ଼ଲି, ଦୋଷା ଏବଂ ଉପମା ଆଦି ଏବେ ଉତ୍ତର ଭାରତରେ ଲୋକପ୍ରିୟ ହୋଇଅଛି । ଉତ୍ତର ଭାରତରେ ଏଗୁଡ଼ିକର ସହଜ ଲଭ୍ୟ/ସହଜ ପ୍ରାପ୍ୟ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ହେଉଥିବା ପରସ୍ପର କ୍ରୀୟାର ପ୍ରମାଣ ଅଟେ । କେରଳ, ପଶ୍ଚିମବଙ୍ଗ ପରି ଉପକୂଳବର୍ତ୍ତି ସଂସ୍କୃତି ନିଜର ମାଛ ରନ୍ଧନ ପ୍ରକ୍ରୀୟା ପାଇଁ ପରିଚିତ । ମୋଗଲମାନଙ୍କ ଆଗମନ ସହିତ ତନ୍ଦୁରୀ ଚିକେନ (Tandoori Chicken) ଶିଖ କବାବ (Seekh Kababs) ଭଳି ମୋଗଲାଇ ଖାଦ୍ୟ ପଦାର୍ଥ ଏବଂ ତରଭୁଜ ଭଳି ଫଳ ଆମ ଭାରତୀୟ ରନ୍ଧନ ଶୈଳୀର ଅଙ୍ଗ ହୋଇଗଲା । ଅୱଧୀ ରୋଷେଇ ଶୈଳୀ (ପୂର୍ବ ଉତ୍ତର ପ୍ରଦେଶର ଏକ ଅଞ୍ଚଳ (Awadh) ଆଜିକାଲି ମୋଗଲାଇ ନବାବୀ ସଂସ୍କୃତିକୁ ପ୍ରତିବିମ୍ବିତ କରୁଅଛି । ଷୋଡ଼ଶ ଶତାବ୍ଦୀର ୟୁରୋପୀୟ ବିଶେଷ କରି ପର୍ତ୍ତୁଗାଲୀୟମାନେ ଭାରତୀୟ ଭୋଜନରେ ଆଳୁ, ବିଲାତି ଏବଂ କଞ୍ଚାଲଙ୍କାର ସମାବେଶ କରିଥିଲେ ଯାହାକି ଏବେ ଆମ ରନ୍ଧନ ପ୍ରକ୍ରୀୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଅଛି । ଏହି ସମୟରେ ମଧ୍ୟ ଫ୍ରେଞ୍ଚବିନ (French Bean) ମଧ୍ୟ ଭାରତୀୟ ରନ୍ଧନର ଏକ ଅଂଶ ହୋଇଅଛି । ଏହି ପ୍ରକାର ସାଂସ୍କୃତିକ ପରସ୍ପର କ୍ରୀୟା ଆମର ଖାଇବା ଇଚ୍ଛାକୁ ବଦଳାଇ ଦେଉଅଛି ।

ଏକ ପରିବାରର ସାଧାରଣ ଭୋଜନରେ ଭାତ ବା ରୋଟି, ଡ଼ାଲି ଏବଂ ତରକାରୀ ରହିଥାଏ । ଘରର ଦୈନିକ ଭୋଜନ ସାଧାରଣତଃ ସ୍ତ୍ରୀମାନଙ୍କ ଦ୍ୱାରା ରନ୍ଧା ଯାଉଥିବା ବେଳେ ବିଶାଳ ସ୍ତରରେ ଉକ୍ତ କାର୍ଯ୍ୟ ପ୍ରାୟ ପୁରୁଷମାନଙ୍କ ଉପରେ ନ୍ୟସ୍ତ ଥାଏ । ଭାରତରେ ଅନେକ ଗରିବ ଲୋକ କେବଳ ଦଲିୟା ଖାଇବା ପାଇଁ ସକ୍ଷମ ହୁଅନ୍ତି । ଧନୀ ଲୋକମାନେ ବିଭିନ୍ନ ପ୍ରକାରର ଖାଦ୍ୟ ଖାଇପାରନ୍ତି ଯେଉଁଥିରେ କି ନିରାମିଷ ଏବଂ ଆମିଷ ଉଭୟ ପ୍ରକାରର ଖାଦ୍ୟର ସଂଯୋଗ ହୋଇଥାଏ । ଆମିଷ ଭୋଜନ ନିରାମିଷ ଭୋଜନଠାରୁ ଅତ୍ୟଧିକ ବ୍ୟୟବହୁଳ ହୋଇଥାଏ । ବିବାହ ଭଳି ବିଶେଷ ଅନୁଷ୍ଠାନମାନଙ୍କରେ ସମସ୍ତ ସମ୍ପ୍ରଦାୟର ଲୋକମାନେ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ସହିତ ପ୍ରୀତିଭୋଜନର ବ୍ୟବସ୍ଥା କରନ୍ତି ଯେଉଁଥିରେ କି ବିଭିନ୍ନ ଅଞ୍ଚଳର ଅଲଗା ମହକ ରହିଥାଏ ।

## ୩୦.୩ ପାଠଗତ ପ୍ରଶ୍ନ

୧. ଭାରତର ମୁଖ୍ୟ ଫସଲ କ'ଣ? ଏହା କି ପ୍ରକାର ଆମ ଖାଦ୍ୟ ଅଭ୍ୟାସକୁ ପ୍ରଭାବିତ କରେ ?

..............................................................................................

୨. କେତେକ ଦକ୍ଷିଣ ଭାରତୀୟ ଲୋକପ୍ରିୟ ଭୋଜନର ନାମ ଲେଖ ।

..............................................................................................

୩. ନିମ୍ନଲିଖିତ ଗୁଡ଼ିକର ମିଳନ କର ।

| | |
|---|---|
| ରୋଟି | କେରଳ |
| ଉପମା | ପର୍ତ୍ତୁଗାଲ |
| ସୀଖ କବାବ | ତାମିଲନାଡୁ |
| ଲଙ୍କା | ଉତ୍ତର ଭାରତ |
| ମାଛ | ମୋଗଲାଇ |

## ତୁମେ କ'ଣ ଶିଖିଲ

ଆମେ ସାଂସ୍କୃତିକ ଉପାଦାନର ଆକାର ଏବଂ ଆଞ୍ଚଳିକ ଭିନ୍ନତାର ସହିତ ଆମର ଖାଦ୍ୟପଦାର୍ଥ, ଲୁଗାପଟାର ସାଂସ୍କୃତିକ ପରସ୍ପର କ୍ରୀୟାର ସ୍ୱରୂପ ବିଷୟରେ ଆଲୋକପାତ କଲା । ଆମେ ଦେଖିଲୁ ଯେ ଆମର ପୂର୍ବଜମାନେ  ବିଭିନ୍ନ ମୃଣ୍ମୟ ପାତ୍ର ତିଆରି କରିଥିଲେ । ସେଗୁଡ଼ିକ ଉପଯୋଗୀ ହେବା ସହିତ ସୁନ୍ଦର ମଧ୍ୟ ହୋଇଥିଲା । କିନ୍ତୁ ପରବର୍ତ୍ତି କାଳରେ ଚିତ୍ର ଭଳି କଳାକୃତିଗୁଡ଼ିକ ରାଜକୀୟ ପୃଷ୍ଟପୋଷକତାରୁ ଆରମ୍ଭ ହୋଇଥିଲା ।

ଆମେ ମଧ୍ୟ ଦେଖିଲୁ ଯେ ଲୋକମାନେ ଜଳବାୟୁର ଆବଶ୍ୟକତା ତଥା ଆଞ୍ଚଳିକ ରୀତିନୀତି ଦ୍ୱାରା ପ୍ରଭାବିତ ହୋଇ ନିଜ ନିଜର ପୋଷାକ ପିନ୍ଧନ୍ତି । ଆମେ ମଧ୍ୟ ଲୁଗାର ପ୍ରକାର, ଅଙ୍କନ ଶୈଳୀ ସହିତ କେତେକ ବିଶେଷ ପ୍ରକାରର ଯଥା କଲମକାରୀ, ଚୁଙ୍ଗୁଡ଼ି ଆଦି ବସ୍ତ୍ର ବିଷୟରେ ଜାଣି ପାରିଲୁ । ସାହିତ୍ୟ ବିଭାଗରେ ଆମେ ଅନୁଭବ କଲୁ ଯେ ଭାରତୀୟ ଭାଷାର ବିଭିନ୍ନତା ଆମ ସାହିତ୍ୟର ସମୃଦ୍ଧିରେ ଯୋଗଦାନ କରିଅଛି । ଏଠାରେ ଆମେ ମହାଭାରତରେ କିଛି ଆଞ୍ଚଳିକ ଏବଂ ଲୋକମାନଙ୍କର ପ୍ରଭାବ ମଧ୍ୟ ଜାଣିଲେ । ଶେଷରେ ଆମେ ଭାରତର ବିଭିନ୍ନ ଅଞ୍ଚଳର ଖାଦ୍ୟ ପଦାର୍ଥର ଅଭ୍ୟାସ ଏବଂ ଏହାର ସାଂସ୍କୃତି ପରସ୍ପର କ୍ରୀୟା ଦ୍ୱାରା ଦେଖା ଯାଇଥିବା ପରିବର୍ତ୍ତନର ମଧ୍ୟ ଅଧ୍ୟୟନ କଲେ ।

ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନ

୧. ଅଜନ୍ତା ଏବଂ ଏଲୋରା କଳା ବିଷୟରେ ତୁମେ କ'ଣ ଜାଣିଅଛ ?

୨. ଆଜିର ସିନେମା, ହୋଡ଼ିଂ, ସଚିତ୍ର ପାଣ୍ଡୁଲିପି ଗୁଡ଼ିକରେ ଦେଖାଯାଉଥିବା ଚିତ୍ରକଳା କପରି ରୂପରେ ଭିନ୍ନ ଅଟେ ?

୩. ପରମ୍ପରାଗତ ଭାରତୀୟ ବସ୍ତ୍ରରେ ରଙ୍ଗର ମହତ୍ୱ ବର୍ଣ୍ଣନା କର ।

୪. ମହାଭାରତ ମହାକାବ୍ୟର କିଛି ଆଞ୍ଚଳିକ ପରିବର୍ତ୍ତନ ସଂକ୍ଷେପରେ ବର୍ଣ୍ଣନା କର ।

୫. ଭାରତର ଆଞ୍ଚଳିକ ରୋଷେଇ ଶୈଳୀର ସ୍ୱରୂପ ଏବଂ ବିବିଧତା ବର୍ଣ୍ଣନା କର ।

## ପାଠଗତ ପ୍ରଶ୍ନର ଉତ୍ତର

### ଚିତ୍ରକଳା

୧. (କ) ଠିକ୍ (ଖ) ଭୁଲ (ଗ) ଭୁଲ (ଘ) ଠିକ୍

୨. ପ୍ରାରମ୍ଭିକ ଗୁମ୍ଫାଚିତ୍ର ଉତ୍ତର ପ୍ରଦେଶର ମିର୍ଜାପୁର ଓ ବାନ୍ଦା, ମଧ୍ୟପ୍ରଦେଶର ଭୀମବେଟକା ଓ ସିଂଗନପୁର, ବିନ୍ଧ୍ୟାଞ୍ଚଳ ପର୍ବତମାଳାର ମହାଦେବ ପାହାଡ଼ ଏବଂ କର୍ଣ୍ଣାଟକର ବେଲ୍ଲାରୀ ଠାରେ ଦେଖା ଯାଇଥାଏ ।

### ବସ୍ତ୍ର ଏବଂ ପୋଷାକ

୧. ବନ୍ଧନୀ ପ୍ରକ୍ରୀୟାରେ ସୂତା ଏବଂ କେବେ କେବେ ଲୁଗାକୁ ବାନ୍ଧି କରି ରଙ୍ଗାଯାଏ । ବାନ୍ଧଣୀ ଗୁଜୁରାଟ ଓ ରାଜସ୍ଥାନ, ଓଡ଼ିଶାର ଇକଟ ଏବଂ ତାମିଲନାଡୁରେ ଚୁଙ୍ଗଡ଼ୀ ନାମରେ ତିଆରି କରାଯାଏ ।

୨. କଲମକାରୀର ଆକ୍ଷରିକ ଅର୍ଥ ହେଲା କଲମ ଦ୍ୱାରା କାମ କରିବା ।

୩. (କ) ଠିକ୍ (ଖ) ଭୁଲ (ଗ) ଭୁଲ (ଘ) ଠିକ୍

୧. ସଂସ୍କୃତରେ ଲେଖା ଯାଇଥିବା ବେଦ ଆମ ଧାର୍ମିକ ସାହିତ୍ୟର ଏକ ଅଙ୍ଗ ଅଟେ ।

୨. ଭୀମ ଏବଂ ହିଡ଼ିମ୍ବା ହିମାଚଳ ପ୍ରଦେଶର ମଣ୍ଡୀ ଏବଂ କିନ୍ନୋର ଅଞ୍ଚଳରେ ପୂଜା କରାଯାଏ ।

୩. ରାମାୟଣର ହିନ୍ଦି ରୂପାନ୍ତର ତୁଳସୀଦାସ କରିଥିଲେ ଯାହାକି ରାମଚରିତ ମାନସ ନାମରେ ପରିଚିତ ।

### ଖାଦ୍ୟ ସଂସ୍କୃତି

୧. ଭାରତର ମୁଖ୍ୟ ଫସଲ ଚାଉଳ ଓ ଗହମ ଅଟେ । ଚାଉଳ ଦକ୍ଷିଣ ଭାରତର ମୁଖ୍ୟ ଫସଲ ତେଣୁ ଦକ୍ଷିଣ ଭାରତୀୟମାନେ ଚାଉଳ ଭୋଜୀ ଅଟନ୍ତି । ଉତ୍ତର ଭାରତରେ ପ୍ରଚୁର ପରିମାଣରେ ଗହମ ଉତ୍ପାଦନ ହେଉଥିବାରୁ ତାଙ୍କର ପ୍ରଧାନ ଖାଦ୍ୟ ଗହମ ଅଟେ ।

୨. ଇଡ଼ଲି, ଦୋଷା, ଉପମା ଆଦି ଲୋକପ୍ରିୟ ଦକ୍ଷିଣ ଭାରତୀୟ ଖାଦ୍ୟ ଅଟେ ।

୩. **ପରସ୍ପର ସହିତ ସଂଯୋଗ କର ।**

| | |
|---|---|
| ରୋଟ | ଉତ୍ତର ଭାରତୀୟ |
| ଉପମା | ତାମିଲନାଡୁ |
| ସୀଖ କବାବ | ମୋଗଲାଇ |
| ଲଙ୍କା | ପର୍ତ୍ତୁଗାଲ |
| ମାଛ | କେରଳ |

**ପାଠାନ୍ତ ପ୍ରଶ୍ନର ସଙ୍କେତ**

୧. ଅନୁଚ୍ଛେଦ ୩୦.୧ ଦେଖ

୨. ଅନୁଚ୍ଛେଦ ୩୦.୧ ଦେଖ

୩. ଅନୁଚ୍ଛେଦ ୩୦.୨ ଦେଖ

୪. ଅନୁଚ୍ଛେଦ ୩୦.୩ ଦେଖ

୫. ଅନୁଚ୍ଛେଦ ୩୦.୫ ଦେଖ

**ଶବ୍ଦାବଳୀ**

ଜରୀ - ବୁଣିବାର ଏକ ଶୈଳୀ ଯେଉଁଥିରେ ରେଶମ ଲୁଗାରେ ସୁନାର ସୂତା ଲଗାଯାଏ ।

ପାକ୍ ପ୍ରଣାଳୀ - ରନ୍ଧନ ଶୈଳୀ

କୁଳୀନ - ଆଭିଜାତ୍ୟ ବଂଶର ଲୋକ,ବିଶେଷ ଶ୍ରେଣୀର ଲୋକ

ପୋଡ଼ା ଯାଇଥିବା ମାଟି - ପୋଡ଼ା ଯାଇଥିବା ମାଟି ନିର୍ମିତ ପାତ୍ର

ନୀଳ-(Indigo) - ଏକ ଗଛରୁ ମିଳୁଥିବା ନୀଳ ରଙ୍ଗ

ମଜିଠା (Madden) - ମଜିଠା ନାମକ ଏକ ଏତାର ମୂଳରୁ ଲାଲରଙ୍ଗ ବାହାର କରାଯାଏ ।

ଲଘୁ ଚିତ୍ର (Mintature) - ଏକ ଅତି ଛୋଟ ଜାଗାର ଚିତ୍ର ।

ବହୁ ପତି ପ୍ରଥା - ଯେଉଁ ବିବାହରେ ଏକ ସ୍ତ୍ରୀର ଏକାଧିକ ସ୍ୱାମୀ ଥାଆନ୍ତି ।

ସଫବିଦ (Safwid) - ଇରାନର ଫକୀର ସଫି ଦ୍ୱାରା ଆରମ୍ଭ ହୋଇଥିବା ରାଜ ବଂଶ । ଉକ୍ତ ଶବ୍ଦ ଭାରତୀୟ କଳା ତଥା ବାସ୍ତୁକଳା ଉପରେ ପାରସୀକ ପ୍ରଭାବକୁ ସୁଚିତ କରେ ।